ଯଶୋଦା ଏବଂ ଅନ୍ୟଜଣେ

ବନାମ

କେ. ନାଗରାଜନ

ସେପ୍ଟେମ୍ବର 25, 1996

[କେ. ରାମାସ୍ୱାମୀ ଏବଂ ଏସ୍. ବି. ମଜୁମଦାର, ନ୍ୟାୟମୂର୍ତ୍ତିଦ୍ୱୟ]

*ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମ, 1963:*

*ଧାରା 28 – ନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ମକଦ୍ଦମା – ଡିକ୍ରି – ଆଦେଶ ଅନୁପାଳନ କରିବା ପାଇଁ ସମୟ ବୃଦ୍ଧି ପାଇଁ ଆଇନସିଦ୍ଧ ଋଣୀ ଦ୍ୱାରା ଆବେଦନ – ଡିକ୍ରି ନାକଚ କରିବା ପାଇଁ ଡିକ୍ରିଧାରୀଙ୍କ ଦ୍ୱାରା ଆବେଦନ – ଉଚ୍ଚ ନ୍ୟାୟାଳୟ ସମୟ ବୃଦ୍ଧି କରିଛନ୍ତି – ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟ ସଠିକ ଭାବରେ ବିବେଚନାର ପ୍ରୟୋଗ କରିଛନ୍ତି – ଧାରା 148 ସି. ପି. ସି. ସମୟ ସମୟରେ ନ୍ୟାୟାଳୟର ଆଦେଶ ଅନୁପାଳନ କରିବାକୁ ସମୟ ବୃଦ୍ଧି କରିବାକୁ ନ୍ୟାୟାଳୟଙ୍କୁ କ୍ଷମତା ପ୍ରଦାନ କରେ ।*

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଧାରା 148 – ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ଏକ ମକଦ୍ଦମାର ଡିକ୍ରି ଅନୁପାଳନ କରିବାକୁ ଆଇନସିଦ୍ଧ ଋଣୀଙ୍କୁ ସମୟର ଅନୁମତି ଦେଇଛନ୍ତି – ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟ ସଠିକ ଭାବରେ ବିବେଚନାର ପ୍ରୟୋଗ କରିଛନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 18603/1996 ।

ଆର୍. ଏଫ୍. ଏ. ସଂଖ୍ୟା 225/1984 ରେ ଆଇ.ଏ. ସଂଖ୍ୟା 3ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ 19.6.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ପି. ମହାଲେ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଆର୍. ଏଫ୍. ଏ. ସଂଖ୍ୟା 225/1984 ରେ ଆଇ.ଏ. ସଂଖ୍ୟା 3ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠଙ୍କ 19 ଜୁନ, 1996 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ମକଦ୍ଦମାରେ ଆହୁରି 1,40,000 ଟଙ୍କା ପ୍ରଦାନ କରିବାକୁ ଉତ୍ତରଦାତାଙ୍କ ପ୍ରସ୍ତାବ ସହିତ ଉଚ୍ଚ ନ୍ୟାୟାଳୟ ରାଜି ହୋଇଛନ୍ତି । ଉଚ୍ଚ ନ୍ୟାୟାଳୟ ଏହି ଅର୍ଥ ଜମା

କରିବା ପାଇଁ 1994 ମସିହା ଏପ୍ରିଲ 21 ତାରିଖ ଠାରୁ ତିନି ମାସ ସମୟ ବୃଦ୍ଧି କରିଛନ୍ତି । ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା ସ୍ୱତନ୍ତ୍ର ଅନୁମତି ଆବେଦନ ସେପ୍ଟେମ୍ବର 23, 1994 ରେ ଖାରଜ ହୋଇଥିଲା ଏବଂ ଏହାର ତିନି ମାସ ମଧ୍ୟରେ ଜାନୁଆରୀ 17, 1995 ରେ ଏହି ରାଶି ଜମା କରାଯାଇଥିଲା । ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମର ଧାରା 28 ଅନୁଯାୟୀ ଏକ ଆବେଦନ ଏହି ଆଧାରରେ ଡିକ୍ରି ନାକଚ କରିବା ପାଇଁ ଦାଖଲ କରାଯାଇଥିଲା ଯେ, ଉତ୍ତରଦାତା ଅର୍ଥ ଜମା କରିବାର ସର୍ତ୍ତମୂଳକ ଡିକ୍ରିର ଅନୁପାଳନରେ ବିଫଳ ହୋଇଛନ୍ତି । ଉତ୍ତରଦାତା ସମୟ ବୃଦ୍ଧି ପାଇଁ ଏକ ଆବେଦନ ଦାଖଲ କରିଥିଲେ । ଡିକ୍ରି ନାକଚ ପାଇଁ ଆବେଦନକୁ ଖାରଜ କରାଯାଇଥିଲା ଏବଂ ସମୟ ବୃଦ୍ଧି ପାଇଁ ଆବେଦନକୁ ଅନୁମତି ଦିଆଯାଇଥିଲା । ତେଣୁ ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ମହାଲେ ଯୁକ୍ତି କରିଛନ୍ତି ଯେ, ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ସମୟ ସମାପ୍ତ ହେବା ପରେ, ଅନୁପାଳନ ନକରିବାର ନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ଡିକ୍ରି ନାକଚ କରିବାକୁ ଅନୁରୋଧ କରିବାର ଆବେଦନକାରୀଙ୍କ ପାଖରେ ଅଧିକାର ଅଛି । ତେଣୁ ସମୟ ବୃଦ୍ଧି କରିବା ପାଇଁ ନ୍ୟାୟାଳୟର କୌଣସି କ୍ଷମତା ନାହିଁ । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ଧାରା 148, ସିପିସି ସମୟ ସମୟରେ ନ୍ୟାୟାଳୟର ଆଦେଶକୁ ଅନୁପାଳନ କରିବା ପାଇଁ ସମୟ ବୃଦ୍ଧି କରିବାକୁ ନ୍ୟାୟାଳୟଙ୍କୁ କ୍ଷମତା ପ୍ରଦାନ କରେ । ସେହି ପରିସ୍ଥିତିରେ, ନ୍ୟାୟାଳୟ ନିଜ ବିବେଚନାର ସଠିକ ଉପଯୋଗ କରିଛନ୍ତି କାରଣ ଧାରା 28 ଅଧୀନରେ ଆବେଦନ ଖାରଜ ହେବା ତାରିଖ ଠାରୁ ତିନି ମାସ ମଧ୍ୟରେ ଏହି ରାଶି ଜମା ହୋଇଥିଲା ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ ହୋଇଛି ।

ଆର୍.ପି. ଆବେଦନ ଖାରଜ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ